# ଫେନେଷ୍ଟାର ଖୋଲିଲା ନୂଆ ସୋ'ରୁମ୍

**ବାଲେଶ୍ୱର: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ସର୍ବବୃହତ ଝରକା ଓ କବାଟ ବ୍ରାଣ୍ଡ୍ ଫେନେଷ୍ଟା ତରଫରୁ ବାଲେଶ୍ୱରର ରେମୁଣା ଗୋଲେଇ ଠାରେ ଏହାର ସ୍ୱତନ୍ତ୍ର ନୂଆ ସୋ'ରୁମ୍ ସିଦ୍ଧ ମହାବୀର ଆସୋସିଏଟସ୍ ଖୋଲାଯାଇଛି। ଏହି ଷ୍ଟୋର୍‌ରେ ଗ୍ରାହକମାନେ ୟୁପିଭିସି ଝରକା ଓ କବାଟ କିଣିପାରିବେ। ଏହି ଅବସରରେ ସାକେତ ଜୈନ, ବ୍ୟବସାୟ ମୁଖ୍ୟ, ଫେନେଷ୍ଟା କହିଛନ୍ତି ଯେ, ଏକ ଗ୍ରାହକ କୈନ୍ଦ୍ରୀକ ବ୍ରାଣ୍ଡ୍ ଭାବେ ଫେନେଷ୍ଟା ଗ୍ରାହକଙ୍କ ନିକଟତର ହେବାକୁ ଚାହେଁ। ନୂଆ ଉତ୍ପାଦ ସମ୍ପ୍ରସାରଣ ଓ ଆମ ନେଟୱର୍କରେ ଅଧିକ ସୋ'ରୁମ୍ ଯୋଗ କରି ଆମେ ସେହି କାର୍ଯ୍ୟ କରୁଛୁ। ଆମର ୭୦୦ରୁ ଅଧିକ ପ୍ରକାରର ଥିବା ପରିବେଶ ମିତବ୍ୟୟୀ, ଗ୍ରାହକଙ୍କୁ ସୁହାଇବା ଭଳି ଉତ୍ପାଦ ପ୍ରଦାନ କରୁଛି ଯାହା ସେମାନଙ୍କ ରହିବା ସ୍ଥାନକୁ ବର୍ଷା, ଧୂଳି, ଶବ୍ଦ ଓ ପ୍ରଦୂଷଣରୁ ସୁରକ୍ଷା ପ୍ରଦାନ କରିଥାଏ। ଫେନେଷ୍ଟା ସୋ'ରୁମ୍ ଏଭଳି ଏକ ସ୍ଥାନ ଯେଉଁ ଠାରେ ଗ୍ରାହକମାନେ ଏସବୁକୁ ଅନୁଧ୍ୟାନ କରିବେ, ବିଶେଷଜ୍ଞଙ୍କ ସହ ଆଲୋଚନା କରିପାରିବେ ଏବଂ ସଠିକ୍ ସମାଧାନ ହାସଲ କରିପାରିବେ। ଆମର ଲକ୍ଷ୍ୟ ହେଉଛି ଚଳିତ ବର୍ଷ ଶେଷ ସୁଦ୍ଧା ଅଧିକ ସୋ'ରୁମ୍ ଖୋଲି ଜାତୀୟ ସ୍ତରରେ ଅଧିକ ଲୋକଙ୍କ ପାଖରେ ପହଂଚିବା ଏବଂ ଆମର ବଜାର ସ୍ଥିତିକୁ ଆହୁରି ସୁଦୃଢ଼ କରିବା। ଏହି ସୋ'ରୁମ୍ ଜରିଆରେ ଫେନେଷ୍ଟା ଏହାର ପୁରୁଣା ଓ ସମ୍ଭାବ୍ୟ ଗ୍ରାହକଙ୍କୁ ଅଭିନବ କିଣାକିଣି ଅନୁଭୂତି ପ୍ରଦାନ କରିବ। ଭାରତରେ ୟୁପିଭିସି ଝରକା ଓ କବାଟ ବଜାର ଦ୍ରୁତ ଗତିରେ ଆଗକୁ ବଢୁଥିବାରୁ କଂପାନି ଏହାର ବଜାର ଅଂଶକୁ ଭବିଷ୍ୟତରେ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଶ୍ରୀ ଜୈନ କହିଛନ୍ତି ଯେ, ଉନ୍ନତ ମାର୍କେଟିଂ ରଣନୀତି, ବିଭିନ୍ନ ପ୍ରକାରରର ଉତ୍ପାଦ ଏବଂ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ସଂପ୍ରସାରଣ ଏହି ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଫେନେଷ୍ଟା ହେଉଛି ଭାରତର ଏକମାତ୍ର କଂପାନି ଯାହା ୟୁପିଭିସି ପ୍ରସ୍ତୁତି ଠାରୁ ଆରମ୍ଭ କରି ତାହାର ମାର୍କେଟିଂ କରିବା, ଗ୍ରାହକଙ୍କ ପାଖରେ ପହଂଚି ତାହାକୁ ସ୍ଥାପନ କରିବା ଏବଂ ବିକ୍ରି ପରବର୍ତ୍ତି ସେବା ପ୍ରଦାନ କରୁଛି। କଂପାନିର ଉତ୍ପାଦଗୁଡ଼ିକ ବ୍ରିଟେନ ଓ ଅଷ୍ଟ୍ରିଆରେ ଡିଜାଇନ୍ କରାଯାଉଛି। ଉତ୍ପାଦଗୁଡ଼ିକୁ ପ୍ରତିଟି ସ୍ତରରେ ଗୁଣାତ୍ମକ ମାନ ପରୀକ୍ଷା କରାଯାଉଛି। ଏହା ଦେଶର ବିଲଡର, ସ୍ଥପତି ଏବଂ ଇଂଟେରିୟର ଡିଜାଇନରଙ୍କ ମଧ୍ୟରେ ଫେନେଷ୍ଟାର ଉତ୍ପାଦଗୁଡ଼ିକ ବେଶ ଲୋକପ୍ରିୟ।